# ଓଡ଼ିଶା ସରକାର

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ

## ଖାରବେଳ ଭବନ, ଭୁବନେଶ୍ୱର

# "ପ୍ରକୃତି ମିତ୍ର ପୁରସ୍କାର"

## ନିୟମାବଳୀ ଓ ଆବେଦନ ଫର୍ମ

୧. ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ **"ପ୍ରକୃତି ମିତ୍ର ପୁରସ୍କାର"** ପ୍ରବର୍ତ୍ତନ କରାଯାଇଛି। ଏଥିପାଇଁ ମାନପତ୍ର ସହିତ ଟ.୨୦,୦୦୦ଙ୍କା (କୋଡ଼ିଏ ହଜାର ଟଙ୍କା) ପୁରସ୍କାର ରାଶି ବ୍ୟବସ୍ଥା ରହିଛି। ଏହି ପୁରସ୍କାରର ମୂଳ ଉଦ୍ଦେଶ୍ୟ ହେଲା-

କ) ଅଧିକ ପରିଷ୍କାର ପରିଚ୍ଛନ୍ନ ଓ ଅଧିକ ସବୁଜ ହେବା ପାଇଁ ଗ୍ରାମଗୁଡିକୁ ପ୍ରୋତ୍ସାହିତ କରିବା।

ଖ) ସୁସ୍ଥ ଓ ସମୃଦ୍ଧ ପରିବେଶ ସୃଷ୍ଟି କରିବା ଦିଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରୋତ୍ସାହିତ କରିବା।

ଗ) ଜଙ୍ଗଲ, ବନ୍ୟପ୍ରାଣୀ ଓ ଅନ୍ୟାନ୍ୟ ପ୍ରାକୃତିକ ସଂପଦର ସଂରକ୍ଷଣ ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଓ ସର୍ବସାଧାରଣଙ୍କ ସହଯୋଗରେ ସମୃଦ୍ଧ ପରିବେଶ ସୃଷ୍ଟିକରିବା ଏବଂ ରାଜ୍ୟରେ ଅଧିକ ସମୃଦ୍ଧ ବାସୋପଯୋଗୀ ପରିବେଶ ସୃଷ୍ଟିରେ ସାହାଯ୍ୟ କରିବା।

**୨. ଯୋଗ୍ୟତା**

ପ୍ରତି ବ୍ଲକ୍‌ରେ ପ୍ରକୃତି ଓ ପରିବେଶ ସଂରକ୍ଷଣ ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ଯଥେଷ୍ଟ ଅବଦାନ ଥିବା ଗ୍ରାମ, ଶିକ୍ଷାନୁଷ୍ଠାନ କିମ୍ବା ରେଜେଷ୍ଟ୍ରିଭୁକ୍ତ ସଂସ୍ଥା ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

ଜିଲ୍ଲା ପରିବେଶ ସମିତି ଯେକୌଣସି ଉପଯୁକ୍ତ ଗ୍ରାମ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ଏହି ପୁରସ୍କାର ପାଇଁ ବାଛି ପାରିବେ। ପ୍ରତି ବ୍ଲକ୍‌ରୁ ଜିଲ୍ଲା ପରିବେଶ ସମିତି ଦ୍ୱାରା ବଛାଯାଇଥିବା ଗ୍ରାମ / ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ବିଶ୍ୱ ପରିବେଶ ଦିବସ ତଥା ୫ ଜୁନ୍‌ରେ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ଜିଲ୍ଲା ପରିବେଶ ସମିତି ଦ୍ୱାରା ବଛାଯାଇଥିବା ଗ୍ରାମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ଶିକ୍ଷାନୁଷ୍ଠାନଙ୍କ ତରଫରୁ ପ୍ରାଧିକୃତ କୌଣସି ବ୍ୟକ୍ତି ଏହି ପୁରସ୍କାର ଗ୍ରହଣ କରିପାରିବେ। ପୁରସ୍କାର ଅର୍ଥକୁ ପୁରସ୍କାର ପାଇଥିବା ସଂସ୍ଥା / ଗ୍ରାମ / ଶିକ୍ଷାନୁଷ୍ଠାନ ପରିବେଶ ସଂରକ୍ଷଣ ଓ ଏହାର ଉନ୍ନତି ପାଇଁ ଖର୍ଚ୍ଚ କରିପାରିବେ।

୩. **ପୁରସ୍କାର ପାଇଁ ଆବଶ୍ୟକୀୟ ଯୋଗ୍ୟତା**

ନିମ୍ନଲିଖିତ କ୍ଷେତ୍ରରେ କାର୍ଯ୍ୟର ସଫଳତାକୁ ବିଚାର କରି "ପ୍ରକୃତି ମିତ୍ର ପୁରସ୍କାର" ବିଚାର କରାଯିବ।

କ) ଗ୍ରାମା□ଳରେ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା।

ଖ) ଆବର୍ଜନା / ଅନ୍ୟାନ୍ୟ ଅଦରକାରୀ ପଦାର୍ଥର ପୁନଃଚକ୍ରଣ।

ଗ) ବୃକ୍ଷରୋପଣ ଏବଂ ତା'ର ରକ୍ଷଣାବେକ୍ଷଣ।

ଘ) ପାର୍କ ଏବଂ ବଗିଚା ସୃଷ୍ଟି।

ଙ) ଗ୍ରାମ୍ୟ ଦେବାଦେବୀଙ୍କ ନିକଟବର୍ତ୍ତୀ ବୃକ୍ଷରୋପରଣର ରକ୍ଷଣାବେକ୍ଷଣ ଏବଂ ଗ୍ରାମ ଦ୍ୱାରା ଜଙ୍ଗଲ ସୁରକ୍ଷା।

ଚ) ପକ୍ଷୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ।

ଛ) ଜଳ ଓ ବାୟୁମଣ୍ଡଳର ଗୁଣ ଓ ମାନର ଉନ୍ନତି ପାଇଁ ପଦକ୍ଷେପ।

ଜ) ଜାଳେଣୀ କାଠ ଓ ଅନ୍ୟାନ୍ୟ ଶକ୍ତି ଉତ୍ସର ସଠିକ୍ ବ୍ୟବହାର ଦିଗରେ ପଦକ୍ଷେପ।

ଝ) ଅକ୍ଷୟ ଶକ୍ତି ଉତ୍ସର ବ୍ୟବହାର କ୍ଷେତ୍ରରେ ପଦକ୍ଷେପ।

ଞ) ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚାଲିବା ଓ ଏହାର ପ୍ରଭାବକୁ ହ୍ରାସ କରିବା ଦିଗରେ ପଦକ୍ଷେପ।

ଟ) ପରିବେଶ ଓ ବାସସ୍ଥାନରେ ଉନ୍ନତି ଆଣିବା।

ଠ) ରୋଗ ନିୟନ୍ତ୍ରଣ।

ଡ) ଜନ ସଂଖ୍ୟା ନିୟନ୍ତ୍ରଣ।

ଢ) ଯଥାର୍ଥ ଓ ସଠିକ୍ କାରିଗରୀ ବିଦ୍ୟାର ପ୍ରସାର।

ଣ) ପ୍ରକୃତି ଓ ପରିବେଶର ସଂରକ୍ଷଣ ପାଇଁ ସମିତି ତଥା କ୍ଲବ୍ ଗଠନ।

ତ) ପ୍ରକୃତି ଓ ପରିବେଶ ସଂରକ୍ଷଣ ସଂବନ୍ଧୀୟ ବିଭିନ୍ନ ବିଷୟବସ୍ତୁର ବ୍ୟାପକ ସଚେତନତା ପାଇଁ ପାଠଚକ୍ର, କର୍ମଶାଳା, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଚଳଚ୍ଚିତ୍ର ପ୍ରଦର୍ଶନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରିବା।

ଥ) ପରିବେଶ ସଂରକ୍ଷଣ ଓ ଜନସାଧାରଣଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜନସାଧାରଣଙ୍କ ସହଯୋଗ ବୃଦ୍ଧି କରିବା।

୪. ଚୟନ ପ୍ରଣାଳୀ:

କ) ସ୍ଥାନୀୟ ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, କୃଷି, ବ୍ଲକ୍ ଉନ୍ନୟନ କାର୍ଯ୍ୟାଳୟ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଇତ୍ୟାଦି ବିଭାଗର ଅଧିକାରୀମାନେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏହି ପୁରସ୍କାର ପାଇଁ ସେମାନଙ୍କର ମନୋନୟନ ସୁପାରିଶ କରିପାରିବେ।

ଖ) ଜିଲ୍ଲା ପରିବେଶ ସମିତି ଉପଯୁକ୍ତ ଗ୍ରାମ/ଅନୁଷ୍ଠାନକୁ ଏହି ପୁରସ୍କାର ପାଇଁ ବାଛିବେ। ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବିଚାରକ ମଣ୍ଡଳୀ ଗଠନ କରିବେ। ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସଂପାଦକ ଏହି ବିଚାରକ ମଣ୍ଡଳୀର ଆବାହକ ରହିବେ ଏବଂ ଜିଲ୍ଲାସ୍ତରୀୟ ଜଙ୍ଗଲ, ବନ୍ୟଜନ୍ତୁ, ମୃତ୍ତିକା ସଂରକ୍ଷଣ, ସ୍ୱାସ୍ଥ୍ୟ, ଉଦ୍ୟାନ ବିଭାଗର ଅଧିକାରୀମାନେ ସଦସ୍ୟ ରହିବେ। ଏହା ବ୍ୟତୀତ ପରିବେଶ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦୁଇଟି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କୁ **(ଯେଉଁମାନେ ଏହି ପୁରସ୍କାର ପାଇଁ ମନୋନୀତ ହୋଇ ନଥିବେ)** ଜିଲ୍ଲାପାଳ ଏହି ମଣ୍ଡଳୀର ସଦସ୍ୟ ଭାବେ ମନୋନୀତ କରିବେ।

ଗ) କୌଣସି ଗ୍ରାମ / ରେଜେଷ୍ଟ୍ରିଭୁକ୍ତ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନ **ଗତ ୫ବର୍ଷ ମଧ୍ୟରେ** ଏହି ପୁରସ୍କାର ପାଇଥିଲେ ପୁନର୍ବାର ସେହି ବ୍ଲକ୍ ପାଇଁ ମନୋନୀତ ହେବେନାହିଁ।

ଘ) ସମାନ କାର୍ଯ୍ୟପାଇଁ କୌଣସି ସଂସ୍ଥା/ଅନୁଷ୍ଠାନ ଏବଂ ସେହି ସଂସ୍ଥା/ଅନୁଷ୍ଠାନର ବ୍ୟକ୍ତି ଉଭୟ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ ହେବେନାହିଁ।

ଙ) ନିୟମର ବ୍ୟାଖ୍ୟା ଏବଂ ପୁରସ୍କାର ଉପସ୍ଥାପନ ସମ୍ବନ୍ଧରେ ସରକାରଙ୍କ ନିଷ୍ପତ୍ତି ଚୁଡ଼ାନ୍ତ ହେବ।

ଚ) **ଗ୍ରାମ/ଅନୁଷ୍ଠାନ/ଶିକ୍ଷାନୁଷ୍ଠାନଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ସହିତ ସଂପୂର୍ଣ୍ଣ ଆବେଦନ ଫର୍ମ ଜିଲ୍ଲା ପରିବେଶ ସମିତି ୨୮ ଫେବୃୟାରୀ ୨୦୨୪ ତାରିଖ ପର୍ଯ୍ୟନ୍ତ ଗ୍ରହଣ କରିବେ। ଜିଲ୍ଲା ପରିବେଶ ସମିତି ମନୋନୟନ ପ୍ରକ୍ରିୟା ସଂପୂର୍ଣ୍ଣ କରି ୩୧ ମାର୍ଚ୍ଚ ୨୦୨୪ ସୁଦ୍ଧା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ପଠାଇବେ। ଏହା ସହିତ ମନୋନୀତ ହୋଇଥିବା ଗ୍ରାମ/ଅନୁଷ୍ଠାନ/ଶିକ୍ଷାନୁଷ୍ଠାନଙ୍କ ଆବେଦନ ଫର୍ମର ନକଲ ପଠାଇବେ।**

# ପ୍ରକୃତି ମିତ୍ର ପୁରସ୍କାର ପାଇଁ ଆବେଦନ ଫର୍ମ

## (୨୦୨୩-୨୪)

**(ସମସ୍ତ ତଥ୍ୟ ପୂରଣ ନକଲେ ଆବେଦନ ଫର୍ମ ବିଚାରକୁ ନିଆଯିବ ନାହିଁ)**

୧. ଆବେଦନକାରୀ ଗ୍ରାମ / ଅନୁଷ୍ଠାନର ନାମ ଓ ସଂପୂର୍ଣ୍ଣ ଡାକ ଠିକଣା (ଟେଲିଫୋନ୍ ନମ୍ବର ଓ ଇ-ମେଲ୍ ସହିତ):

୨. ଯୋଗାଯୋଗ କରିବା ବ୍ୟକ୍ତିଙ୍କ ନାମ, ଟେଲିଫୋନ୍ ନମ୍ବର ଓ ଇ-ମେଲ୍:

୩. କେଉଁ ବ୍ଲକ୍ ପାଇଁ ଆବେଦନ କରାଯାଇଛି:

୪. ଗ୍ରାମ / ଅନୁଷ୍ଠାନର ସଂକ୍ଷିପ୍ତ ବିବରଣୀ:

୫. ପୂର୍ବରୁ ଅନ୍ୟ କୌଣସି ପୁରସ୍କାର ପାଇଥିଲେ ତାହାର ସଂକ୍ଷିପ୍ତ ସୂଚନା:

୬. ପରିବେଶ ସୁରକ୍ଷା ତଥା ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମର ବିବରଣୀ (୨୫୦ ଶବ୍ଦ ମଧ୍ୟରେ):

୭. ଗ୍ରାମ / ଅନୁଷ୍ଠାନର ବ୍ୟାଙ୍କ୍ ଆକାଉଣ୍ଟର ସଂପୂର୍ଣ୍ଣ ବିବରଣୀ ଯଥା- ଗ୍ରାମ / ଅନୁଷ୍ଠାନର ଆକାଉଣ୍ଟ ନାମ, ଆକାଉଣ୍ଟ ନମ୍ବର, ବ୍ୟାଙ୍କ ଶାଖା, ଆଇ.ଏଫ୍.ସି.କୋଡ୍। (ବ୍ୟାଙ୍କ୍ ପାସ୍‌ବୁକ୍ ପ୍ରଥମ ପୃଷ୍ଠାର ନକଲ / କ୍ୟାନ୍‌ସଲ ଚେକ୍ ସଲଗ୍ନ କରନ୍ତୁ):

**ଆବେଦନକାରୀଙ୍କ ସ୍ୱାକ୍ଷର**

---

ଗ୍ରାମ / ଅନୁଷ୍ଠାନକୁ ମନୋନୀତ କରୁଥିବା ଅଧିକାରୀଙ୍କ ନାମ, ପଦବୀ ଓ ସ୍ୱାକ୍ଷର:

ବି.ଦ୍ର. ପରିବେଶ ସଂରକ୍ଷଣ କ୍ଷେତ୍ରରେ ମନୋନୀତ ଗ୍ରାମ / ଅନୁଷ୍ଠାନ କାର୍ଯ୍ୟ କରିଥିବା ସଂପର୍କରେ ପ୍ରକାଶିତ ସମ୍ବାଦପତ୍ର ଅଂଶ / ଫଟୋ ମନୋନୟନ ଫର୍ମ ସହିତ ସଂଲଗ୍ନ କରିବେ।